# NATIONAL NEWS BULLETIN (ODIA)

## 27 June - 2025

## Morning Bulletin : 7.15 A.M.

**************************************************

## ମୁଖ୍ୟ ସମ୍ବାଦ

- କୌଣସି ନିଷ୍ପତ୍ତିରେ ଉପନୀତ ନ ହୋଇ ଶେଷ ହେଲା ସାଂଘାଇ ସହଯୋଗ ସଂଗଠନ ପ୍ରତିରକ୍ଷା ମନ୍ତ୍ରୀସ୍ତରୀୟ ବୈଠକ
- ଏକ୍ସିଓମ୍-୪ ମିଶନର ସଫଳତା ପରେ ଭାରତୀୟ ମହାକାଶଚାରୀ ଶୁଭାଂଶୁ ଶୁକ୍ଲାଙ୍କୁ ଅଭିନନ୍ଦନ ଜଣାଇଲେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ
- ପୁରୀ ଶ୍ରୀକ୍ଷେତ୍ରରେ ଆଜି ଅନୁଷ୍ଠିତ ହେଉଛି ବିଶ୍ୱପ୍ରସିଦ୍ଧ ରଥଯାତ୍ରା
- ଅପରେସନ ସିନ୍ଧୁ ଅଭିଯାନରେ ସହଯୋଗ ଲାଗି ୬ଟି ରାଷ୍ଟ୍ରକୁ କୃତଜ୍ଞତା ଜଣାଇଲେ ଭାରତ ସରକାର

ଏବଂ

- ହକି ଇଣ୍ଡିଆ ମାଷ୍ଟର୍ସ କପ୍ ପ୍ରତିଯୋଗିତାରେ ମହିଳା ବର୍ଗରେ ଓଡ଼ିଶା ଓ ପଞ୍ଜାବ ଏବଂ ପୁରୁଷ ବର୍ଗରେ ତାମିଲନାଡୁ ଓ ମହାରାଷ୍ଟ୍ର ମଧ୍ୟରେ ଆଜି ହେବ ମୁକାବିଲା

# ଏମ୍ଇଏ-ବ୍ରିଫିଙ୍ଗ୍

ସାଂଘାଇ ସହଯୋଗ ସଂଗଠନ-ଏସ୍.ସି.ଓ. ପ୍ରତିରକ୍ଷା ମନ୍ତ୍ରୀଙ୍କ ବୈଠକ କୌଣସି ନିଷ୍ପତ୍ତିରେ ଉପନୀତ ନ ହୋଇ ଶେଷ ହୋଇଛି । ସଦସ୍ୟ

ଦେଶମାନେ ମିଳିତ ନିଷ୍ପତ୍ତି ଗ୍ରହଣ କରିପାରି ନାହାନ୍ତି । ଭାରତ ଏସ୍‌ସିଓ ପକ୍ଷରୁ ଜାରି ମିଳିତ ସମ୍ମତିପତ୍ରରେ ସ୍ୱାକ୍ଷର କରିବା ଲାଗି ମନା କରିଦେଇଛି । ସଂପୃକ୍ତ ସମ୍ମତିପତ୍ରରେ ସୀମାପାର ଆତଙ୍କବାଦ, ଉଗ୍ରବାଦ ଭଳି ପ୍ରସଙ୍ଗ ଉପରେ କୌଣସି ସୂଚନା ନଥିବାରୁ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ ଏହାକୁ ଅଗ୍ରାହ୍ୟ କରିଛନ୍ତି । ଅନ୍ୟପକ୍ଷରେ କେତେକ ସଦସ୍ୟ ଦେଶ ନିର୍ଦ୍ଦିଷ୍ଟ ପ୍ରସଙ୍ଗରେ ମିଳିତ ସହମତିରେ ପହଞ୍ଚି ପାରି ନଥିବାରୁ ଚୂଡ଼ାନ୍ତ ନିଷ୍ପତ୍ତି ହୋଇପାରି ନାହିଁ ।

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ କହିଛନ୍ତି, ଆତଙ୍କବାଦ ପ୍ରସଙ୍ଗରେ ସମସ୍ତ ଦେଶ ମିଳିତ ନିଷ୍ପତ୍ତି ଗ୍ରହଣ କରିବା ଉଚିତ୍, ଯାହା କୌଣସି ଗୋଟିଏ ଦେଶ ପାଇଁ ଗ୍ରହଣୀୟ ହେବା କଥା ନୁହେଁ । ସେ ସଦସ୍ୟ ଦେଶଗୁଡ଼ିକୁ ଆତଙ୍କବାଦ ବିରୁଦ୍ଧରେ ଲଢ଼ିବା ପାଇଁ ଏକାଠି ହେବାକୁ ଆହ୍ୱାନ ଦେଇଛନ୍ତି ।

## ଏକ୍ସିଓମ୍- ଜିତେନ୍ଦ୍ର ସିଂହ

ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ କହିଛନ୍ତି, ଏକ୍ସିଓମ୍-୪ ମିଶନ୍ ସଫଳତାର ସହ ଆନ୍ତର୍ଜାତିକ ମହାକାଶ କେନ୍ଦ୍ରରେ ସଂଯୁକ୍ତ ହୋଇଛି । ଏହି ଅବସରରେ ମିଶନ୍‌ରେ ଅନ୍ତର୍ଭୁକ୍ତ ଥିବା ବାୟୁସେନା ଗ୍ରୁପ୍ କ୍ୟାପ୍‌ଟେନ୍ ଶୁଭାଂଶୁ ଶୁକ୍ଲାଙ୍କୁ ଡକ୍ଟର ସିଂହ ଅଭିନନ୍ଦନ ଜଣାଇଛନ୍ତି । ଗଣମାଧ୍ୟମକୁ ସମ୍ବୋଧନ କରି ଡକ୍ଟର ସିଂହ କହିଛନ୍ତି, ଆନ୍ତର୍ଜାତିକ ମହାକାଶ କେନ୍ଦ୍ରରେ ଶ୍ରୀ ଶୁକ୍ଲା ପହଞ୍ଚିଛନ୍ତି । ସେହି କେନ୍ଦ୍ରରେ ସେ ୧୪ ଦିନ ଅନ୍ୟ ତିନି ଜଣ ମହାକାଶଚାରୀଙ୍କ ସହ ଅବସ୍ଥାନ କରିବେ ।

ମିଶନ୍‌ର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରି ଡକ୍ଟର ସିଂହ କହିଛନ୍ତି, ଏହି ଅଭିଯାନ ଜୀବବିଜ୍ଞାନ ସହିତ ଜଡ଼ିତ । ବିଶ୍ୱର ଭବିଷ୍ୟତ ମହାକାଶ ଗବେଷଣା କ୍ଷେତ୍ରରେ ଏହି ଅଭିଯାନ ଗୁରୁତ୍ୱପୂର୍ଣ୍ଣ ସହଯୋଗ ପ୍ରଦାନ କରିବ ବୋଲି ଡକ୍ଟର ସିଂହ କହିଛନ୍ତି ।

**V/O--JITENDRA-SINGH**

## ଆର୍‌ଏସଏସ୍ ପ୍ରିଏମ୍ବଲ୍

ସମ୍ବିଧାନର ମୁଖବନ୍ଧରେ ସମାଜବାଦୀ ଏବଂ ଧର୍ମନିରପେକ୍ଷ ଶବ୍ଦର ବ୍ୟବହାର ନେଇ ପୁନର୍ବାର ସମୀକ୍ଷା କରିବା ଲାଗି ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ କହିଛି । ଡକ୍ଟର ବି.ଆର୍. ଆମ୍ବେଦକରଙ୍କ ଦ୍ୱାରା ମୂଳ ସମ୍ବିଧାନରେ ଏହି ଦୁଇଟି ଶବ୍ଦ ବ୍ୟବହାର ହୋଇନଥିଲା । ଜରୁରୀକାଳୀନ ପରିସ୍ଥିତି ସମୟରେ ଏହି ଦୁଇଟି ଶବ୍ଦକୁ ସମ୍ବିଧାନର ମୁଖବନ୍ଧରେ ଅନ୍ତର୍ଭୁକ୍ତ କରାଯାଇଥିବା କୁହାଯାଇଛି । ଜରୁରୀକାଳୀନ ପରିସ୍ଥିତିର ୫୦ ବର୍ଷ ପୂର୍ତ୍ତି ଅବସରରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସାଧାରଣ ସଚିବ ଦତ୍ତାତ୍ରେୟ ହୋସ୍‌ବୋଲେ କହିଛନ୍ତି ବାବା ସାହେବ ଆମ୍ବେଦକର ଏହି ଦୁଇଟି ଶବ୍ଦକୁ ବ୍ୟବହାର କରିନଥିଲେ । ଜରୁରୀକାଳୀନ ପରିସ୍ଥିତି ସମୟରେ ମୌଳିକ ଅଧିକାରରୁ ଲୋକମାନଙ୍କୁ ବଂଚିତ କରିବା ଲାଗି ଏଭଳି କରାଯାଇଥିବା ସେ ଅଭିଯୋଗ କରିଛନ୍ତି ।

## ରଥଯାତ୍ରା

ପୁରୀ ଶ୍ରୀକ୍ଷେତ୍ରରେ ଆଜି ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଅନୁଷ୍ଠିତ ହେଉଛି । ସମୟ ନିର୍ଘଣ୍ଟ ଅନୁଯାୟୀ ଠାକୁରଙ୍କ ନୀତିକାନ୍ତି ଚାଲିଛି । ପ୍ରଭୁ ଜଗନ୍ନାଥ ଆଜି ଭାଇ ବଳଭଦ୍ର ଓ ଭଉଣୀ ସୁଭଦ୍ରାଙ୍କୁ ନେଇ ନବଦିନାତ୍ମକ ଯାତ୍ରାରେ ଶ୍ରୀଗୁଣ୍ଡିଚା

ମନ୍ଦିରକୁ ଯିବେ । ତିନିରଥ ନନ୍ଦିଘୋଷ, ତାଳଧ୍ୱଜ ଏବଂ ଦର୍ପଦଳନକୁ ସିଂହଦ୍ୱାର ସମ୍ମୁଖରେ ପ୍ରସ୍ତୁତ ରଖାଯାଇଛି । ପାଗ ଅନୁକୂଳ ଥିବାରୁ ବଡ଼ଦାଣ୍ଡରେ ଶ୍ରଦ୍ଧାଳୁଙ୍କ ଭିଡ଼ ବଢ଼ିବାରେ ଲାଗିଛି । ଏ ସଂପର୍କରେ ଏକ ରିପୋର୍ଟ :

**V/O**

ସୂଚନା ଅନୁଯାୟୀ ଆଜି ସକାଳେ ମଙ୍ଗଳ ଆଳତୀ, ତଡ଼ପଲାଗି ଏବଂ ଦ୍ୱାରପାଳ ପୂଜା ନୀତି ସଂପନ୍ନ ହୋଇଛି । ମଧ୍ୟାହ୍ନ ସାଢ଼େ ୧୨ଟା ସୁଦ୍ଧା ପହଣ୍ଡି ଶେଷ କରାଯାଇ ଗୋଟାଏ ମଧ୍ୟରେ ଶ୍ରୀଶ୍ରୀମଦନମୋହନ, ଶ୍ରୀରାମ ଏବଂ ଶ୍ରୀକୃଷ୍ଣ ବିଜେ କରିବେ । ଅପରାହ୍ଣ ସାଢ଼େ ୨ଟାରୁ ସାଢ଼େ ୩ଟା ମଧ୍ୟରେ ଗଜପତି ମହାରାଜ ଦିବ୍ୟସିଂହ ଦେବ ତିନିରଥରେ ଛେରାପହଁରା କରିବାକୁ ସମୟ ନିର୍ଘଣ୍ଟ ହୋଇଛି । ଅପରାହ୍ଣ ୪ଟାରେ ଚାରମାଳ ଫିଟା, ଘୋଡ଼ା ଏବଂ ସାରଥୀ ଯୋଚାଯାଇ ମହାପ୍ରଭୁଙ୍କ ରଥଟଣା ଆରମ୍ଭ ହେବ ।

ରଥଯାତ୍ରାପାଇଁ ପୂର୍ବତଟ ରେଳବାଇ ପକ୍ଷରୁ ୩୬୫ଟି ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରୁଥିବା ବେଳେ ପ୍ରତ୍ୟେକ ଜିଲ୍ଲାରୁ ପୁରୀକୁ ପରିବହନ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ବସ୍‌ସେବା ସହିତ ୨୦୦ ଅଟୋରିକ୍ସା ବ୍ୟବସ୍ଥା କରାଯାଇଛି । ରଥଯାତ୍ରାପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ୩୮୭ ଜଣ ଡାକ୍ତର, ପାରାମେଡିକାଲ୍ ଷ୍ଟାଫ୍‌ଙ୍କୁ ନିୟୋଜିତ କରାଯାଇଛି । ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ ୨୧ ଆଇ.ପି.ଏସ୍., ୧୨ଶହ ଅଫିସରଙ୍କ ସମେତ ୨୦୫ ପ୍ଲାଟୁନ୍ ପୁଲିସ୍ ଫୋର୍ସର ବ୍ୟବସ୍ଥା କରାଯାଇଛି ।

# ଅପରେସନ ସିନ୍ଧୁ

ଅପରେସନ ସିନ୍ଧୁ ଅଧୀନରେ ଭାରତୀୟମାନଙ୍କୁ ସୁରକ୍ଷିତ ଉଦ୍ଧାର କାର୍ଯ୍ୟରେ ସହଯୋଗ କରିଥିବାରୁ ଭାରତ ସରକାର ଇସ୍ରାଏଲ୍, ଇରାନ, ଜୋର୍ଡାନ୍, ଇଜିପ୍ଟ, ଆର୍ମେନିଆ ଏବଂ ତୁର୍କମେନିସ୍ତାନ ସରକାରଙ୍କୁ କୃତଜ୍ଞତା ଜଣାଇଛନ୍ତି । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି, ଯୁଦ୍ଧତ୍ରସ୍ତ ଇରାନରୁ ଭାରତୀୟମାନଙ୍କୁ ସୁରକ୍ଷିତ ଉଦ୍ଧାର ଲାଗି ୧୪ଥର ବିମାନ ଉଡ଼ାଣ କରାଯାଇଥିବା ସେ କହିଛନ୍ତି । ଇସ୍ରାଏଲ୍‌ର ବାୟୁସୀମା ବନ୍ଦ ରହିଥିବାରୁ ଭାରତୀୟ ନାଗରିକମାନଙ୍କୁ ସୀମାବର୍ତ୍ତୀ ରାଷ୍ଟ୍ର ଜୋର୍ଡାନ ଓ ଇଜିପ୍ଟକୁ ନିଆଯିବା ପରେ ସ୍ୱତନ୍ତ୍ର ବିମାନ ଯୋଗେ ଭାରତ ଅଣାଯାଇଥିଲା । ସେ କହିଛନ୍ତି ଜୁନ୍ ୧୮ ତାରିଖରୁ ଏହି ଅଭିଯାନ ଅଧୀନରେ ଭାରତୀୟମାନଙ୍କୁ ଇରାନ ଓ ଇସ୍ରାଏଲ୍‌ରୁ ଉଦ୍ଧାର କରାଯାଇଛି । ଇରାନରେ ପାଖାପାଖି ୧୦ ହଜାରରୁ ଅଧିକ ଭାରତୀୟ ରହୁଥିବା ବେଳେ ଇସ୍ରାଏଲ୍‌ରେ ୪୦ ହଜାରରୁ ଅଧିକ ଭାରତୀୟ ବସବାସ କରୁଛନ୍ତି ।

ଏପର୍ଯ୍ୟନ୍ତ ଇରାନରୁ ୩ ହଜାର ୪୨୬ ଜଣ ଭାରତୀୟଙ୍କ ସହ ୯ ଜଣ ନେପାଳୀ ନାଗରିକ ଓ ଅନ୍ୟ କେତେ ଜଣ ଶ୍ରୀଲଙ୍କା ନାଗରିକଙ୍କୁ ମଧ୍ୟ ସୁରକ୍ଷିତ ଭାବରେ ଭାରତ ଅଣାଯାଇଛି । ସେହିପରି ଇସ୍ରାଏଲ୍‌ରୁ ୮୧୮ ଜଣ ଭାରତୀୟଙ୍କୁ ସୁରକ୍ଷିତ ଉଦ୍ଧାର କରାଯାଇଥିବା ସେ କହିଛନ୍ତି ।

# ଆର୍‌ଏସ୍‌ଏସ୍ ପ୍ରିଏମ୍ବଲ୍

ସମ୍ବିଧାନର ମୁଖବନ୍ଧରେ ସମାଜବାଦୀ ଏବଂ ଧର୍ମନିରପେକ୍ଷ ଶବ୍ଦର ବ୍ୟବହାର ନେଇ ପୁନର୍ବାର ସମୀକ୍ଷା କରିବା ଲାଗି ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ କହିଛି ।

ଡକ୍ଟର ବି.ଆର୍. ଆମ୍ବେଦକରଙ୍କ ଦ୍ୱାରା ମୂଳ ସମ୍ବିଧାନରେ ଏହି ଦୁଇଟି ଶବ୍ଦ ବ୍ୟବହାର ହୋଇନଥିଲା । ଜରୁରୀକାଳୀନ ପରିସ୍ଥିତି ସମୟରେ ଏହି ଦୁଇଟି ଶବ୍ଦକୁ ସମ୍ବିଧାନର ମୁଖବନ୍ଧରେ ଅନ୍ତର୍ଭୁକ୍ତ କରାଯାଇଥିବା କୁହାଯାଇଛି । ଜରୁରୀକାଳୀନ ପରିସ୍ଥିତିର ୫୦ ବର୍ଷ ପୂର୍ତ୍ତି ଅବସରରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସାଧାରଣ ସଚିବ ଦତ୍ତାତ୍ରେୟ ହୋସ୍‌ବୋଲେ କହିଛନ୍ତି ବାବା ସାହେବ ଆମ୍ବେଦକର ଏହି ଦୁଇଟି ଶବ୍ଦକୁ ବ୍ୟବହାର କରିନଥିଲେ । ଜରୁରୀକାଳୀନ ପରିସ୍ଥିତି ସମୟରେ ମୌଳିକ ଅଧିକାରରୁ ଲୋକମାନଙ୍କୁ ବଂଚିତ କରିବା ଲାଗି ଏଭଳି କରାଯାଇଥିବା ସେ ଅଭିଯୋଗ କରିଛନ୍ତି ।

# ଆଧାର ଅଥେଣ୍ଟିକେସନ୍

ବ୍ୟାଙ୍କ କର୍ମଚାରୀ ଚୟନ ପ୍ରତିଷ୍ଠାନ-**IBPS** ଦ୍ୱାରା କରାଯାଉଥିବା ପ୍ରାର୍ଥୀ ଚିହ୍ନଟୀକରଣ ପ୍ରକ୍ରିୟାରେ ଆଧାର ପ୍ରାମାଣିକରଣ ବ୍ୟବହାର କରାଯିବା ନେଇ ସରକାରଙ୍କ ପକ୍ଷରୁ ଅନୁମତି ପ୍ରଦାନ କରାଯାଇଛି । ଅର୍ଥମନ୍ତ୍ରଣାଳୟ ଅଧୀନସ୍ଥ ଆର୍ଥିକ ସେବା ବିଭାଗ ପକ୍ଷରୁ ଏ ନେଇ ପ୍ରକାଶିତ ସୂଚନାରେ **IBPS** କୁ ଇଚ୍ଛାଧୀନ ଭାବରେ ଆଧାର ପ୍ରାମାଣିକରଣ ବ୍ୟବହାର ଲାଗି ଅନୁମତି ପ୍ରଦାନ କରାଯାଇଛି । ଏହି ପ୍ରକ୍ରିୟାରେ ପ୍ରତିଯୋଗିତାମୂଳକ ପରୀକ୍ଷା ଏବଂ ଚୟନ ପ୍ରକ୍ରିୟାରେ ଆଧାର ପ୍ରାମାଣିକରଣ ବ୍ୟବହାର କରାଯିବ ।

ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଏହି ପ୍ରକ୍ରିୟା ବ୍ୟବହାର ଫଳରେ ନକଲୀ ପରୀକ୍ଷାର୍ଥୀଙ୍କୁ ରୋକାଯିବା ସହ ପରୀକ୍ଷାରେ କପିକରିବା ବନ୍ଦ ହେବ । ଅନ୍ୟପକ୍ଷରେ ସୁଶାସନକୁ ପ୍ରୋତ୍ସାହିତ କରିବା ଏବଂ ବ୍ୟାଙ୍କିଙ୍ଗ, ଆର୍ଥିକ ସେବା ଓ  ବୀମା କ୍ଷେତ୍ରଗୁଡ଼ିକ ପାଇଁ ହେଉଥିବା ପ୍ରତିଯୋଗିତାମୂଳକ

ପରୀକ୍ଷାରେ ସ୍ୱଚ୍ଛତା ଅବଲମ୍ବନ କରାଯାଇ ପାରିବ । ମନ୍ତ୍ରଣାଳୟ କହିଛି, ସଂପୂର୍ଣ୍ଣ ପରୀକ୍ଷା ବ୍ୟବସ୍ଥା ଏବଂ ଚୟନ ପ୍ରକ୍ରିୟାରେ ପ୍ରଶାସନିକ ବୋଝ ହ୍ରାସ କରିବା ଓ ଲୋକଙ୍କ ଆସ୍ଥା ଭାଜନ ହେବା ଦିଗରେ ମଧ୍ୟ ଏହି ବ୍ୟବସ୍ଥା ସହାୟକ ହେବ ।

# ଇସିଆଇ-ଡିଲିଷ୍ଟିଙ୍ଗ୍

ଆବଶ୍ୟକୀୟ ସର୍ତ୍ତାବଳୀ ପୂରଣ କରିପାରି ନଥିବା ୩୪୫ଟି ପଞ୍ଜିକୃତ ଅଣମାନ୍ୟତା ପ୍ରାପ୍ତ ରାଜନୈତିକ ଦଳକୁ ନିର୍ବାଚନ ଆୟୋଗ ତାଲିକାରୁ ବାଦ୍ ଦେବା ପ୍ରକ୍ରିୟା ଆରମ୍ଭ କରିଛନ୍ତି । ୨୦୧୯ ପରଠାରୁ ଲୋକସଭା, ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ବିଧାନସଭା ନିର୍ବାଚନ କିମ୍ବା ଉପନିର୍ବାଚନ ଲଢ଼ି ନ ଥିବା ଦଳ ଗୁଡ଼ିକୁ ତାଲିକାରୁ ବାଦ୍ ଦେବା ଲକ୍ଷ୍ୟରେ ଏହି ପଦକ୍ଷେପ ନିଆଯାଇଛି । ଏହି ଦଳଗୁଡ଼ିକର କାର୍ଯ୍ୟାଳୟ ଦେଶର କୌଣସି ସ୍ଥାନରେ ଖୋଲି ପାରିବ ନାହିଁ ବୋଲି ନିର୍ବାଚନ ଆୟୋଗ ନିଷ୍ପତ୍ତି ଗ୍ରହଣ କରିଛନ୍ତି ।

# ଗଡ଼କରୀ-ଟୋଲ୍ ଟାକ୍ସ

ଦୁଇ ଚକିଆ ଯାନ ଉପରେ ଟୋଲ ଟିକସ ଲାଗୁ କରିବା ସମ୍ପର୍କରେ ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟ୍‌କୁ ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀ ଖଣ୍ଡନ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ଗଡ଼କରୀ କହିଛନ୍ତି, ଏପରି କୌଣସି ପ୍ରସ୍ତାବ ସରକାରଙ୍କ ବିଚାରାଧୀନ ନାହିଁ । ଦୁଇ ଚକିଆ ଯାନ ପାଇଁ ଟୋଲ ଉପରେ ସମ୍ପୂର୍ଣ୍ଣ ଛାଡ଼ ଜାରି ରହିଛି ବୋଲି ସେ କହିଛନ୍ତି । କେତେକ ଗଣମାଧ୍ୟମ ସଂସ୍ଥା ଏଭଳି ଖବର ପ୍ରସାରଣ କରୁଥିବା ସେ କହିଛନ୍ତି ।

# ଏମ୍‌ଏସ୍‌ଏମ୍‌ଇ ଦିବସ

ଦେଶର ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରକୁ ପ୍ରୋତ୍ସାହନ ପ୍ରଦାନ କରିବା ଲକ୍ଷ୍ୟ ନେଇ ଆଜି ଏମ୍‌ଏସ୍‌ଏମ୍‌ଇ ଦିବସ ପାଳନ କରାଯାଉଛି । ଏହି ଅବସରରେ ନୂଆଦିଲ୍ଲୀ ବିଜ୍ଞାନ ଭବନଠାରେ ଅନୁଷ୍ଠିତ ହେବାକୁଥିବା ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଯୋଗଦେବେ । ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରକୁ ଅଧିକ ଗତିଶୀଳ କରିବା ପାଇଁ ସରକାରଙ୍କ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି ।

# ହକି

ମହିଳା ହକି ଇଣ୍ଡିଆ ମାଷ୍ଟର୍ସ କପ୍ ପ୍ରତିଯୋଗିତାରେ ଆଜି ଓଡ଼ିଶା ଓ ପଞ୍ଜାବ ମଧ୍ୟରେ ମୁକାବିଲା ହେବ ।  ତାମିଲନାଡୁ ଚେନ୍ନାଇସ୍ଥିତ ମେୟର ରାଧାକ୍ରିଷ୍ଣନ ହକି ଷ୍ଟାଡିୟମରେ  ଆଜି ଅପରାହ୍ନ ୨ଟା ସମୟରେ ମ୍ୟାଚ୍ ଖେଳାଯିବ ।  ଏହି ପ୍ରତିଯୋଗିତାରେ ତୃତୀୟ ସ୍ଥାନ ଲାଗି ତାମିଲନାଡୁ ଏବଂ ହରିୟାଣା ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ।

ପୁରୁଷ ହକି ଇଣ୍ଡିଆ ମାଷ୍ଟର୍ସ କପ୍‌ରେ ଆଜି ତାମିଲନାଡୁ ଏବଂ ମହାରାଷ୍ଟ୍ର ମଧ୍ୟରେ ଚେନ୍ନାଇରେ ଅପରାହ୍ନ ୪ଟାରେ ଫାଇନାଲ୍ ମ୍ୟାଚ୍ ଖେଳାଯିବ ।